**SET-4**

**Series JMS** | **Code No. 14**

Candidates must write the Code on the title page of the answer-book.

Roll No. | | | | | | | |

- ପ୍ରଶ୍ନପତ୍ରଟି **7** ପୃଷ୍ଠା ବିଶିଷ୍ଟ କି ନା ଦୟାକରି ଦେଖିନିଅ ।
- ପ୍ରଶ୍ନପତ୍ରର ଡ଼ାହାଣ ପଟ କୋଣରେ ଦିଆଯାଇଥିବା କୋଡ ନମ୍ବର ଉତ୍ତର ପତ୍ରର ପ୍ରଥମ ପୃଷ୍ଠାରେ ରହିବା ଆବଶ୍ୟକ ।
- ପ୍ରଶ୍ନପତ୍ରରେ **11**ଟି ପ୍ରଶ୍ନ ଅଛି କି ନା ଆରମ୍ଭରୁ ଦେଖିନିଅ ।
- ପ୍ରଶ୍ନପତ୍ରର କ୍ରମାଙ୍କ ଉତ୍ତର ଲେଖା ଆରମ୍ଭ କରିବା ପୂର୍ବରୁ ଉପଯୁକ୍ତ ସ୍ଥାନରେ ଲେଖ ।
- ପ୍ରଶ୍ନପତ୍ର ପଢିବାପାଇଁ 15 ମିନିଟ୍ ସମୟ ଦିଆଯିବ । ପ୍ରଶ୍ନପତ୍ର 10.15 ମିନିଟ୍ ସମୟରେ ବଣ୍ଟନ କରାଯିବ । ତେଣୁ 10.15 ଠାରୁ 10.30 ମିନିଟ୍ ପର୍ଯ୍ୟନ୍ତ ପରୀକ୍ଷାର୍ଥୀ କେବଳ ପ୍ରଶ୍ନପତ୍ର ପଢିବେ ଏବଂ ଏ ସମୟରେ ଉତ୍ତର ପୁସ୍ତିକାରେ କେହି କିଛି ଲେଖି ପାରିବେ ନାହିଁ ।
- Please check that this question paper contains **7** printed pages.
- Code number given on the right hand side of the question paper should be written on the title page of the answer-book by the candidate.
- Please check that this question paper contains **11** questions.
- **Please write down the Serial Number of the question before attempting it.**
- 15 minute time has been allotted to read this question paper. The question paper will be distributed at 10.15 a.m. From 10.15 a.m. to 10.30 a.m., the students will read the question paper only and will not write any answer on the answer-book during this period.

# ଓଡ଼ିଆ

# ODIA

*ସମୟ : 3 ଘଣ୍ଟା* | *ପୂର୍ଣ୍ଣ ସଂଖ୍ୟା : 80*

*Time allowed : 3 hours* | *Maximum Marks : 80*

ସୂଚନା : ଏହି ପ୍ରଶ୍ନ ପତ୍ରରେ ଚାରୋଟି ବିଭାଗ ରହିଛି ।

(କ) ପଠନ – Reading – 10

(ଖ) ଲିଖନ – Writing – 15

(ଗ) ବ୍ୟାକରଣ – Grammar – 20

(ଘ) ସାହିତ୍ୟ – Literature – 35

ନିର୍ଦ୍ଦେଶାନୁଯାୟୀ ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।

## 'କ' ବିଭାଗ

1. ନିମ୍ନ ଅନୁଚ୍ଛେଦଟି ପାଠ କରି ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । *2×5=10*

ବିଦ୍ୟାଳୟ ବିଦ୍ୟା ଆରାଧନାର ପ୍ରକୃଷ୍ଟ ସ୍ଥଳ । ଏଠାରେ ବିଦ୍ୟା ଆହରଣ କରାଯାଏ, ଚର୍ଚ୍ଚା କରାଯାଏ । ପାଠ୍ୟପୁସ୍ତକ ଭିନ୍ନ ବିଦ୍ୟାଳୟରେ ନାନାଦି ଶିକ୍ଷା ଦିଆଯାଏ । ଶାରୀରିକ, ପ୍ରାଣିକ, ମାନସିକ, ବୌଦ୍ଧିକ ତଥା ଆତ୍ମିକ ବିକାଶ ଉପରେ ଧ୍ୟାନ ଦିଆଯାଏ । ଏତଦ୍‌ଭିନ୍ନ, ନୈତିକ ଶିକ୍ଷାକୁ ମଧ୍ୟ ବିଦ୍ୟାଳୟରେ ପ୍ରାଧାନ୍ୟ ଦିଆଯାଏ । ସମାଜର ସବୁବର୍ଗର ପିଲାମାନେ ସେଠାରେ ପାଠ ପଢ଼ନ୍ତି, ଭବିଷ୍ୟତ ଗଢ଼ନ୍ତି । ପାରସ୍ପରିକ ସହଯୋଗ ଜରିଆରେ ବିଦ୍ୟାର୍ଥୀଗଣ ଅନେକ ଅସମ୍ଭବ ମନେ ହେଉଥିବା କାର୍ଯ୍ୟକୁ ସମ୍ଭବ କରିପାରନ୍ତି । ବିଦ୍ୟାଳୟ ଶିକ୍ଷାର ବିକଳ୍ପ ନାହିଁ । କାରଣ, ଏକସଙ୍ଗରେ ଏତେଗୁଡ଼ିଏ ସଦ୍‌ଗୁଣର ବିକାଶ ଆଉ କେଉଁଠାରେ ସାର୍ଥକ ହୋଇପାରନ୍ତା ନାହିଁ । ଆଜିର ଛାତ୍ରଛାତ୍ରୀମାନେ ଆସନ୍ତାକାଲି ଦେଶନିର୍ମାଣ କରିବେ । ସେଥିପାଇଁ ସେମାନଙ୍କୁ ଉତ୍ତମଶିକ୍ଷା ପ୍ରଦାନ କରାଯିବା ନିହାତି ଜରୁରୀ । ଶିକ୍ଷା କେବଳ ପ୍ରମାଣପତ୍ର ହାସଲ କରିବା ମଧ୍ୟରେ ସୀମିତ ରହିବା ଉଚିତ ନୁହେଁ । ସାମଗ୍ରିକ ବିକାଶ ଏହାର ମୌଳିକ ଲକ୍ଷ୍ୟ ହେବା ଦରକାର । ବିଦ୍ୟାଳୟହିଁ ସମଗ୍ର ଦେଶର ଏକ କ୍ଷୁଦ୍ର ପ୍ରତିରୂପ । ଏହାକୁ ସାମାଜିକ ପ୍ରୟୋଗଶାଳା କହିଲେ ଅତ୍ୟୁକ୍ତି ହେବ ନାହିଁ । ସେଠାରେ ଅନେକପ୍ରକାର ପରୀକ୍ଷାନିରୀକ୍ଷା ନିରବଚ୍ଛିନ୍ନ ଭାବରେ ଚାଲିଥାଏ । ବିଦ୍ୟାର୍ଥୀକୁ ଉପଯୁକ୍ତ ଭାବରେ ଗଢ଼ିତୋଳିବା ଭିତରେ ଦେଶର ଓ ଦଶର ମଙ୍ଗଳ କରିବା ନିମନ୍ତେ ତା'କୁ ଉପଯୁକ୍ତ କରିଦିଆଯାଏ । ଏହି କାରଣରୁ ଭାରତର ବିଦ୍ୟାଳୟ ଶିକ୍ଷା ସମଗ୍ର ବିଶ୍ୱରେ ଆଦୃତ ହୋଇଛି ।

(କ) ବିଦ୍ୟାଳୟରେ କେଉଁ ପ୍ରକାର ଶିକ୍ଷା ଦିଆଯାଏ ?

(ଖ) ଭାରତର ବିଦ୍ୟାଳୟଶିକ୍ଷା ବିଶ୍ୱରେ ଆଦୃତ କାହିଁକି ?

(ଗ) କେଉଁମାନେ ଦେଶନିର୍ମାଣ କରିବେ ?

(ଘ) ଶିକ୍ଷାର ମୌଳିକ ଲକ୍ଷ୍ୟ କ'ଣ ?

(ଙ) ଅସମ୍ଭବ କାର୍ଯ୍ୟକୁ ବିଦ୍ୟାର୍ଥୀଗଣ କିପରି ସମ୍ଭବ କରିପାରନ୍ତି ?

## 'ଖ' ବିଭାଗ

**2.** ଯେକୌଣସି ***ଗୋଟିଏ*** ବିଷୟରେ ରଚ଼ନା ଲେଖ । *8*

(କ) ଛାତ୍ର ଓ ସମାଜସେବା

(ଖ) ଭାରତର ବୈଦେଶିକ ନୀତି

(ଗ) ବିଜ୍ଞାନର ସଦୁପଯୋଗ

**3.** 'ପ୍ରାଚ଼ୀନ କୀର୍ତ୍ତିରାଜିର ସୁରକ୍ଷା' ଶୀର୍ଷକ ତୁମର ଏକ ଲେଖା ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ ସ୍ଥାନୀୟ ସମ୍ବାଦପତ୍ର ସଂପାଦକଙ୍କୁ ପତ୍ର ଲେଖ । *7*

**କିମ୍ବା**

'ନିର୍ବାଚ଼ନ ପଦ୍ଧତିରେ ସଂସ୍କାର' ଶୀର୍ଷକ ତୁମର ଏକ ଲେଖା ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ ସ୍ଥାନୀୟ ସମ୍ବାଦପତ୍ର ସଂପାଦକଙ୍କୁ ପତ୍ର ଲେଖ ।

(ବି.ଦ୍ର. – ପ୍ରକୃତ ନାମ ଓ ଠିକଣା ବଦଳରେ 'କ' ବା 'ଖ' ପରି କାଳ୍ପନିକ ନାମ ବା ଠିକଣା ବ୍ୟବହାର କରାଯିବ ।)

## 'ଗ' ବିଭାଗ

**4.** (କ) ନିର୍ଦ୍ଦେଶ ଅନୁସାରେ ବାକ୍ୟଗୁଡ଼ିକର ପରିବର୍ତ୍ତନ କର । (*4* ଟିର) *4*

(i) ଅଜା ଘରକୁ ଆସିଥିବାରୁ ପିଲାମାନେ ଖୁସି ଅଛନ୍ତି । (ଯୌଗିକ ବାକ୍ୟ)

(ii) ଯଦି ପରୀକ୍ଷା ଉଠିଯିବ, ପିଲାଏ ଆଉ ପଢ଼ିବେ ନାହିଁ । (ସରଳ ବାକ୍ୟ)

(iii) ଯାଇଥିବା ଦେଶର ଫଳ ଖିଆଯାଏ । (ଜଟିଳ ବାକ୍ୟ)

(iv) ଅଅଁଳାନବମୀରେ ଭକ୍ତଗଣ ରାଧାପାଦ ଦର୍ଶନ କରନ୍ତି ।
(ଯୌଗିକ ବାକ୍ୟ)

(v) ଯେତେବେଳେ ବିପଦ ଆସେ, ଠକବନ୍ଧୁମାନେ ପାଖରୁ ଗ୍ଳିଯାଆନ୍ତି । (ସରଳ ବାକ୍ୟ)

(vi) ରୀତା ମିଛ କହିବାରୁ ଶାସ୍ତି ପାଇଲା । (ଜଟିଳ ବାକ୍ୟ)

(ଖ) ଭ୍ରମ ସଂଶୋଧନ କରି ଲେଖ । (*4* ଟିର) *4*

ମିନତୀ, ବାହାନ, ବ୍ୟବହାରିକ, ଧୂମ୍ରପାନ, ନିର୍ଦ୍ଦୋଷୀ, ଆଶୀଷ

(ଗ) ଲକ୍ଷଣ ଓ ଯତିପାତ ସହ ଯେକୌଣସି ***ଗୋଟିଏ*** ଛନ୍ଦର ଉଦାହରଣ ଦିଅ । *4*

ନଟବାଣୀ, ବଙ୍ଗଳାଶ୍ରୀ

(ଘ) ବାକ୍ୟରେ ବ୍ୟବହାର କର । (ଯେକୌଣସି *4* ଟି ରୂଢ଼ିର) *4*

ଅହିନକୁଳ ସଂପର୍କ, ଗୋଠଖଣ୍ଡିଆ, ଜୋକ ମୁହଁରେ ଲୁଣ, ଜପାମାଳି, ଚଳୁ କରିଦେବା, ପବନ ପରି ଧାଇଁବା

(ଙ) ନିମ୍ନ ଅନୁଚ୍ଛେଦଟିକୁ ଓଡ଼ିଆରେ ଅନୁବାଦ କର । *4*

Time waits for none. He who makes best use of time, prospers. But those who waste their time in vain, suffer from poverty and starvation. Idleness is a great foe of human life. Hence we should attend to our duties and responsibilities in time.

## 'ଘ' ବିଭାଗ

**5.** ସପ୍ରସଙ୍ଗ ସରଳାର୍ଥ ଲେଖ । (***ଗୋଟିକର***) *5*

(କ) ଭାରତର ବୈଶିଷ୍ଟ୍ୟ ତା'ର ଆଧ୍ୟାତ୍ମିକତା ।

(ଖ) କିନ୍ତୁ ଆମ ଦେଶରେ ଜ୍ଞାନଭଣ୍ଡାରଟା ଇଂରେଜରେ ଥିବାରୁ କୋଟି କୋଟି ଜନତା ଆଖି ଥାଉଁ ଥାଉଁ ଅନ୍ଧ ।

**6.** ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି *3* ଟିର) *2×3=6*

(କ) ଜନ୍ମଭୂମିକୁ ଧାତ୍ରୀ ଓ ଶିକ୍ଷୟିତ୍ରୀ କହିବାର କାରଣ କ'ଣ ?

(ଖ) ମୈତ୍ରୀର ଧ୍ୱଜା କେତେବେଳେ ଉଡିବ ବୋଲି ପ୍ରବନ୍ଧରେ କୁହାଯାଇଛି ?

(ଗ) ଦେଶଭକ୍ତ ବୋଲି କାହାକୁ କୁହାଯାଇପାରିବ ନାହିଁ ?

(ଘ) ଜନତା ଜନାର୍ଦ୍ଦନ କାହିଁକି ଅବହେଳିତ ଅବସ୍ଥାରେ ଥିଲେ ?

(ଙ) ଓଡ଼ିଆ ସାହିତ୍ୟର ଇତିହାସ – କେଉଁ କେଉଁ ସାହିତ୍ୟ ଗବେଷକ ଲେଖିଅଛନ୍ତି ?

**7.** ଉତ୍ତର ପର୍ଯ୍ୟାୟରୁ ଠିକ ଉତ୍ତରଟି ବାଛି ଲେଖ । *1×4=4*

(କ) ପଲ୍ଲୀଗ୍ରାମରେ କେଉଁ ପରମ୍ପରା ଗଢ଼ି ଉଠିଥାଏ ?

(i) ଦେଶପ୍ରେମ

(ii) ସାଂସ୍କୃତିକ ଜାଗରଣ

(iii) ଏକ ପରିବାରତ୍ୱ

(iv) ପାରସ୍ପରିକ ଶତ୍ରୁତା

(ଖ) ବିଜ୍ଞାନ କ'ଣ କମାଇ ଦେଇଛି ବୋଲି ଅନେକ ଅଭିଯୋଗ କରିଥାନ୍ତି ?

(i) ଗବେଷଣା ମନୋଭାବ

(ii) ସହନଶୀଳତା

(iii) ଭ୍ରାତୃତ୍ୱବୋଧ

(iv) ଧର୍ମଭାବ ଓ ଈଶ୍ୱରବିଶ୍ୱାସ

(ଗ) ମାତୃଭାଷାର ବିକାଶ ନିମନ୍ତେ କେଉଁଟି କାମ୍ୟ ନୁହେଁ ?

(i) ବିଦେଶୀ ଭାଷା ପ୍ରୀତି

(ii) ସ୍ୱାଭିମାନ

(iii) ମାତୃଭାଷାରେ ଶିକ୍ଷା

(iv) ଶାସକଙ୍କ ଆନ୍ତରିକତା

(ଘ) ୧୮୨୨ ମସିହାରୁ ଖ୍ରୀଷ୍ଟିୟାନ ମିଶନାରୀମାନେ ଓଡ଼ିଶାରେ କ'ଣ ପ୍ରତିଷ୍ଠା କରିଥିଲେ ?

(i) ଚର୍ଚ୍ଚ

(ii) ପ୍ରେସ

(iii) ମିଶନ ସ୍କୁଲ୍

(iv) ଦାତବ୍ୟ ଚିକିତ୍ସାଳୟ

**8.** ସପ୍ରସଙ୍ଗ ସରଳାର୍ଥ ଲେଖ । (***ଗୋଟିଏର***) *5*

(କ) ଦେବାପାଇଁ ନବଜୀବନ

ସ୍ୱର୍ଗୁ କି ଓହ୍ଲାଇଛନ୍ତି ମର୍ତ୍ତ୍ୟଭୁବନ ?

(ଖ) ତୋର ମୁକତିରେ ମୋର ମୁକତି ମା'

ତୋର ହସେ ମୋର ହସ

ତୋହରି ଅନ୍ତର ଆଦେଶ ଚଳେମୁଁ

ଘୋଷି ତୋର ମହାଯଶ ।

**9.** ସଂକ୍ଷେପରେ ଉତ୍ତର ଲେଖ । (ଯେ କୌଣସି ***3*** ଟିର) *2×3=6*

(କ) ମାନଗୋବିନ୍ଦ କାହିଁକି ଅଧୈର୍ଯ୍ୟ ହୋଇ ପଡ଼ିଲେ ?

(ଖ) ସିନ୍ଧୁକୁ ପୋତିବା ପାଇଁ ରାମଚନ୍ଦ୍ର କାହିଁକି ସ୍ଥିର କଲେ ?

(ଗ) ନିଶୀଥିନୀର ପ୍ରଭାବକୁ କିଏ ପ୍ରଗ୍ରସ କରୁଛି ?

(ଘ) ତିମିରକାରା ଭାଙ୍ଗିଦେବା କଥା କବି କାହିଁକି କହିଛନ୍ତି ?

(ଙ) ମାଟିର ମା' ଆମଦୋଷକୁ କାହିଁକି କ୍ଷମା କରିଛି ?

**10.** ଉତ୍ତର ପର୍ଯ୍ୟାୟରୁ ଠିକ ଉତ୍ତରଟି ବାଛି ଲେଖ । *1×4=4*

(କ) 'ମାନଗୋବିନ୍ଦଙ୍କ ମହାନତା' କବିତାଟି ସାରଳା ମହାଭାରତର କେଉଁ ପର୍ବରୁ ଗୃହୀତ ?

(i) ଗଦାପର୍ବ

(ii) କାଇଁଶିକା ପର୍ବ

(iii) ସ୍ୱର୍ଗାରୋହଣ ପର୍ବ

(iv) ମୂଷଳ ପର୍ବ

(ଖ) 'ପିତୃବ୍ୟ' କହିଲେ କାହାକୁ ବୁଝାଯାଏ ?

(i) ବାପାଙ୍କର ସାନଭାଇ

(ii) ବାପାଙ୍କର ବଡ଼ଭାଇ

(iii) ବାପାଙ୍କର ସହପାଠୀ

(iv) ବାପାଙ୍କର ସହଯୋଗୀ

(ଗ) ନିଶା ଆଗମନରେ ଅବନୀ କେଉଁ ରୂପ ଧାରଣ କରିଛି ?

(i) ଗମ୍ଭୀର

(ii) ନିଶ୍ଚଳ

(iii) କୋଳାହଳପୂର୍ଣ୍ଣ

(iv) ଜାଗ୍ରତ

(ଘ) ସମ୍ମୁଖେ କିଏ କୁହେଳି ରଚ଼ନା କରୁଛି ବୋଲି କବି କହିଛନ୍ତି ?

(i) ଅତୀତର ଜୀର୍ଣ୍ଣଜୀବନ

(ii) ପୀଡନର ପରବତ

(iii) ମୋହମମତାର ନୀର

(iv) ବିଜୟର ମାଳୀ

**11.** ଯେକୌଣସି ***ଗୋଟିଏ*** ପ୍ରଶ୍ନର ଉତ୍ତର ଲେଖ । *5*

(କ) ମଣିଷମାନେ ସଂସାର ବନ୍ଧନ କହିଲେ କ'ଣ ବୁଝନ୍ତି ?

(ଖ) ପ୍ରାଣୀଜଗତର ନିୟମ କ'ଣ ବୋଲି ଗଳ୍ପରେ କୁହାଯାଇଛି ?

(ଗ) ଶାମ୍ବ ସୂର୍ଯ୍ୟପୂଜା କରିଥିଲେ କାହିଁକି ?